ଓଡ଼ିଶା ରାଜ୍ୟ ଏବଂ ଅନ୍ୟମାନେ

ବନାମ

ଜୟ ପ୍ରକାଶ ପଣ୍ଡା ଏବଂ ଅନ୍ୟଜଣେ

ସେପ୍ଟେମ୍ବର 9, 1994

[କେ. ରାମସ୍ୱାମୀ ଏବଂ ଏନ୍. ଭେଙ୍କଟଚଲା, ନ୍ୟାୟମୂର୍ତ୍ତି ଦ୍ୱୟ]

*ସେବା ଆଇନ:*

*ସେବା କାଳରେ ମୃତ୍ୟୁବରଣ କରୁଥିବା ବେସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନଙ୍କର ପରିବାରର ସହାୟତା ପାଇଁ ପୁନର୍ବାସ ଯୋଜନା - ଯୋଜନା କାର୍ଯ୍ୟକାରୀ ହେବା ପୂର୍ବରୁ ଶିକ୍ଷକଙ୍କ ମୃତ୍ୟୁ - ଯୋଜନା କାର୍ଯ୍ୟକାରୀ ହେବା ପରେ ଉପଶମ ପାଇଁ ଦାବି - ନ୍ୟାୟାଧିକରଣଙ୍କ ଦ୍ୱାରା ପ୍ରତିକାର ମଞ୍ଜୁର ହୋଇଥିଲା – ନିର୍ଣ୍ଣୟ, ଯୋଜନା କାର୍ଯ୍ୟକାରୀ ହେବା ପରେ ମୃତ୍ୟୁବରଣ କରୁଥିବା ଶିକ୍ଷକଙ୍କ ପାଇଁ କେବଳ ଏହା ପ୍ରଯୁଜ୍ୟ ଥିଲା - କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ ପାଇଁ ମାମଲା ଉପଯୁକ୍ତ ନୁହେଁ ବୋଲି ବିଚାର କରାଯାଇଥିଲା ।*

**ଚାକିରିରେ ଥିବାବେଳେ ମୃତ୍ୟୁବରଣ କରୁଥିବା କିମ୍ବା ସ୍ଥାୟୀ ଅକ୍ଷମତାରେ ପୀଡ଼ିତ ହେଉଥିବା ବେସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନଙ୍କ ପରିବାରକୁ ପୁନର୍ବାସ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ଆବେଦନକାରୀ-ରାଜ୍ୟ ମେ 28,1985 ରେ ଏକ ଯୋଜନା ବିକଶିତ କରିଥିଲେ । ଏହି ଯୋଜନା ଅଧୀନରେ ମୃତ କିମ୍ବା ସ୍ଥାୟୀ ଭାବରେ ଅକ୍ଷମ ଶିକ୍ଷକଙ୍କ ପରିବାରର ଜଣେ ସଦସ୍ୟ ସରକାରୀ ଅଧୀନରେ ତୃତୀୟ କିମ୍ବା ଚତୁର୍ଥ ଶ୍ରେଣୀ ପଦବୀରେ କିମ୍ବା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଥିଲେ । ଏହି ଯୋଜନା କାର୍ଯ୍ୟକାରୀ ହେବା ପୂର୍ବରୁ ଯେଉଁ ଉତ୍ତରଦାତାଙ୍କ ପିତାଙ୍କୁ ହତ୍ୟା କରାଯାଇଥିଲା, ସେ ଏହି ଯୋଜନା କାର୍ଯ୍ୟକାରୀ ହେବା ପରେ ପ୍ରତିକାର ଦାବି କରିଥିଲେ, ଯାହା ନ୍ୟାୟାଧିକରଣଙ୍କ ଦ୍ୱାରା ମଞ୍ଜୁର କରାଯାଇଥିଲା ।**

**ଏହି ନ୍ୟାୟାଳୟଙ୍କଠାରେ ରାଜ୍ୟର ଆବେଦନରେ ଏହି ଯୁକ୍ତି କରାଯାଇଥିଲା ଯେ ନ୍ୟାୟାଧିକରଣ ଉତ୍ତରଦାତାଙ୍କୁ ଆଶ୍ୱସ୍ତି ପ୍ରଦାନ କରି ତ୍ରୁଟି କରିଛନ୍ତି କାରଣ ଏହି ଯୋଜନା କାର୍ଯ୍ୟକାରୀ ହେବା ପୂର୍ବରୁ ମୃତ୍ୟୁବରଣ କରିଥିବା ଶିକ୍ଷକମାନଙ୍କ ପାଇଁ ଏହି ଯୋଜନାର କୌଣସି ପ୍ରୟୋଗ ନାହିଁ ।**

**ଏହି ଆବେଦନକୁ ଖାରଜ କରି, ଏହି ନ୍ୟାୟାଳୟ**

**ବିଚାର କରିଥିଲେ : ଏହି ଯୋଜନାରେ କୁହାଯାଇଛି ଯେ ଚାକିରିରେ ଥିବାବେଳେ ମୃତ୍ୟୁବରଣ କରିଥିବା କିମ୍ବା ସ୍ଥାୟୀ ଅକ୍ଷମତାର ଶିକାର ହୋଇଥିବା ବେସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନଙ୍କ ପରିବାରକୁ ପୁନର୍ବାସ ସୁବିଧା ଦିଆଯିବ । ତେଣୁ ଏହା ସ୍ପଷ୍ଟ ହେବ ଯେ ଚାକିରୀରେ ଥିବା ସମୟରେ ଜଣେ ଶିକ୍ଷକଙ୍କ ମୃତ୍ୟୁ କିମ୍ବା ଜଣେ ଶିକ୍ଷକଙ୍କ ଅକ୍ଷମତା ଯୋଜନା କାର୍ଯ୍ୟକାରୀ ହେବା ପରେ ଘଟିବା ଉଚିତ । ତେଣୁ, ସେଥିରେ ନିର୍ଦ୍ଧାରିତ ସର୍ତ୍ତାବଳୀର ଅନୁପାଳନ କରି କରାଯାଇଥିବା ଏକ ଆବେଦନ ସେହି ଶିକ୍ଷକଙ୍କ ସମ୍ବନ୍ଧରେ ହେବା ଉଚିତ ଯିଏ ଯୋଜନା କାର୍ଯ୍ୟକାରୀ ହେବା ପରେ ମୃତ୍ୟୁବରଣ କରନ୍ତି କିମ୍ବା ସ୍ଥାୟୀ ଅକ୍ଷମତା ଭୋଗନ୍ତି । ତଥାପି, ଯେହେତୁ ନ୍ୟାୟାଧିକରଣ**

**ବିବେକାନୁସାରେ କାର୍ଯ୍ୟ କରିଛନ୍ତି ଏବଂ ତୃତୀୟ କିମ୍ବା ଚତୁର୍ଥ ଶ୍ରେଣୀ କିମ୍ବା ଅଣ-ପ୍ରଶିକ୍ଷିତ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ପଦବୀରେ ନିଯୁକ୍ତି ପାଇଁ ଯୋଗ୍ୟତା ଥିବା ଉତ୍ତରଦାତାଙ୍କୁ ସୁବିଧା ପ୍ରଦାନ କରିଛନ୍ତି, ଏହା ହସ୍ତକ୍ଷେପ ପାଇଁ ଉପଯୁକ୍ତ ମାମଲା ନୁହେଁ ।**

ଦେୱାନୀ ଆବେଦନ ଅଧିକାରିତା : ସ୍ୱତନ୍ତ୍ର ଅନୁମତି ଆବେଦନ (ସି) ସଂଖ୍ୟା 16792/1994 ।

ଓ. ଏ. ସଂଖ୍ୟା 617/1990 ରେ ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣଙ୍କର 16.8.93 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ସୁଶ୍ରୀ କୀର୍ତ୍ତି ମିଶ୍ର ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ସରକାର ଏହାଙ୍କ ମେ 28,1985 ତାରିଖର କାର୍ଯ୍ୟାନୁଷ୍ଠାନ ସଂଖ୍ୟା 20300 ରେ ଚାକିରିରେ ଥିବାବେଳେ ମୃତ୍ୟୁବରଣ କରୁଥିବା କିମ୍ବା ସ୍ଥାୟୀ ଅକ୍ଷମତାରେ ପୀଡ଼ିତ ହେଉଥିବା ଜଣେ ବେସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକଙ୍କ ପରିବାରକୁ ପୁନର୍ବାସ ସହାୟତା ପ୍ରଦାନ କରିବା ପାଇଁ  ଏକ ଯୋଜନା ବିକଶିତ କରିଥିଲେ ।  ସେମାନେ ବ୍ୟବସ୍ଥା କରିଛନ୍ତି ଯେ ମୃତ କିମ୍ବା ସ୍ଥାୟୀ ଭାବରେ ଅକ୍ଷମ ବେସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକଙ୍କ ପରିବାରର ଜଣେ ସଦସ୍ୟ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ପଦବୀ କିମ୍ବା ବେସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସମେତ ସରକାର ଅଧୀନରେ ତୃତୀୟ କିମ୍ବା ଚତୁର୍ଥ ଶ୍ରେଣୀ ପଦବୀରେ ନିଯୁକ୍ତି ପାଇଁ ଯୋଗ୍ୟ ହେବେ, ଏହି ସର୍ତ୍ତରେ ଯେ ଏହି ସୁବିଧା ପାଇବାକୁ ଚାହୁଁଥିବା ପରିବାରର ସଦସ୍ୟ ଏହି ପଦବୀ ପାଇଁ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ହାସଲ କରିଥିବେ । ଯଦି ଏପରି ଜଣେ ବ୍ୟକ୍ତି ସରକାରୀ କିମ୍ବା ବେସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଭାବରେ ନିଯୁକ୍ତି ଚାହାଁନ୍ତି, ତେବେ ତାଙ୍କ ପାଖରେ ଯଦି ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ଅଛି ତେବେ ତାଙ୍କୁ ଏହିପରି ନିଯୁକ୍ତ କରାଯାଇପାରେ । ଯଦି ଏପରି ବ୍ୟକ୍ତିଙ୍କ ପାଖରେ ଆବଶ୍ୟକ ତାଲିମ ଯୋଗ୍ୟତା ନଥାଏ, ତେବେ ତାଙ୍କୁ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଭାବରେ ନିଯୁକ୍ତି ତାରିଖ ଠାରୁ ତିନି ବର୍ଷ ମଧ୍ୟରେ ଆବଶ୍ୟକ ତାଲିମ ଯୋଗ୍ୟତା ହାସଲ କରିବାକୁ ପଡିବ । ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଭାବେ ନିଯୁକ୍ତ ଜଣେ ଅଣପ୍ରଶିକ୍ଷିତ ବ୍ୟକ୍ତି ତାଲିମ ଯୋଗ୍ୟତା ହାସଲ ନକରିବା ପର୍ଯ୍ୟନ୍ତ ଅଣପ୍ରଶିକ୍ଷିତ ମାଟ୍ରିକ ପାଇଁ ପ୍ରଯୁଜ୍ୟ ହାରରେ ଦରମା ପାଇବେ ।

ଦ୍ୱିତୀୟ ଖଣ୍ଡରେ ଆହୁରି ମଧ୍ୟ କୁହାଯାଇଛି ଯେ ଉପରୋକ୍ତ ସୁବିଧା ମୃତ କିମ୍ବା ସ୍ଥାୟୀ ଭାବେ ଅକ୍ଷମ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କ ପରିବାରର ଜଣେ ସଦସ୍ୟଙ୍କ ପାଇଁ ଉପଲବ୍ଧ ହେବ, ଯିଏକି ଅବସର ଗ୍ରହଣ କରିବାର ସାଧାରଣ ତାରିଖ ପୂର୍ବରୁ ମୃତ୍ୟୁ ବରଣ କରିବେ କିମ୍ବା ସ୍ଥାୟୀ ଅକ୍ଷମ ହେବେ, ଅବସର ଗ୍ରହଣ ପରେ ପୁନଃ ନିଯୁକ୍ତି କିମ୍ବା ସେବା ସମ୍ପ୍ରସାରଣ ସମୟରେ ନୁହେଁ । ପୁନର୍ବାସ ଉଦ୍ଦେଶ୍ୟରେ ଏହା ସ୍ୱାମୀ କିମ୍ବା ସ୍ତ୍ରୀ, ପୋଷ୍ୟ ପୁତ୍ର କିମ୍ବା ଝିଅ, ସାବତ ପୁଅ କିମ୍ବା ଝିଅ କିମ୍ବା ନିର୍ଭରଶୀଳ ଭାଇ କିମ୍ବା ଭଉଣୀ ସମେତ ପୁଅ କିମ୍ବା ଝିଅଙ୍କ ପାଇଁ ଆରମ୍ଭ କରାଯାଇଥିଲା । ପୁନର୍ବାସ

ସହାୟତା ପାଇଁ ଆବେଦନଗୁଡ଼ିକ ମୃତ୍ୟୁ କିମ୍ବା ସ୍ଥାୟୀ ଅକ୍ଷମତା  ତାରିଖ ଠାରୁ ପାଞ୍ଚ ବର୍ଷର ଅବଧି ମଧ୍ୟରେ ଗ୍ରହଣ କରାଯିବ ।

ଏହି ଯୁକ୍ତି କରାଯାଇଥିଲା ଯେ ଉତ୍ତରଦାତାଙ୍କ ପିତା, ଯିଏ ଶିକ୍ଷକ ଥିଲେ, ତାଙ୍କୁ ସେପ୍ଟେମ୍ବର 15, 1984 ରେ ହତ୍ୟା କରାଯାଇଥିଲା ଏବଂ ଏହି ଯୋଜନା କାର୍ଯ୍ୟକାରୀ ହେବା ପରେ ଆବେଦନ କରାଯାଇଥିଲା । ଏହି ଯୋଜନା କାର୍ଯ୍ୟକାରୀ ହେବା ପୂର୍ବରୁ ମୃତ୍ୟୁବରଣ କରିଥିବା ଶିକ୍ଷକମାନଙ୍କ ପାଇଁ ଏହି ଯୋଜନାର କୌଣସି ପ୍ରୟୋଗ ନାହିଁ । ଓ. ଏ. ସଂଖ୍ୟା 617/1990 ରେ ନ୍ୟାୟାଧିକରଣଙ୍କ ଦ୍ୱାରା 1993 ମସିହା ଅଗଷ୍ଟ 16 ତାରିଖରେ ଦିଆଯାଇଥିବା ନିର୍ଦ୍ଦେଶ ଏହି ଯୋଜନାର ବିପରୀତ ଅଟେ କାରଣ ଏହି ଯୋଜନା କାର୍ଯ୍ୟକାରୀ ହେବା ପୂର୍ବରୁ ମୃତ୍ୟୁବରଣ କରିଥିବା କିମ୍ବା ଅକ୍ଷମ ହୋଇଥିବା ବେସରକାରୀ ପ୍ରାଥମିକ ଶିକ୍ଷକଙ୍କ ନିର୍ଭରଶୀଳଙ୍କ ପାଇଁ ଏହା ଉଦ୍ଦିଷ୍ଟ ନଥିଲା । ଏହି ଯୁକ୍ତିରେ ଯଥାର୍ଥତା ରହିଥିବା ଆମେ ପାଇଥାଉ । ଏଥିରେ କୁହାଯାଇଛି ଯେ ବେସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକଙ୍କ ପରିବାରକୁ ପୁନର୍ବାସ ସୁବିଧା ସେହି ଶିକ୍ଷକଙ୍କୁ ଦିଆଯିବ ଯିଏ ଚାକିରିରେ ଥିବାବେଳେ ମୃତ୍ୟୁବରଣ କରନ୍ତି କିମ୍ବା ସ୍ଥାୟୀ ଅକ୍ଷମତା ଭୋଗନ୍ତି । ଅନ୍ୟ ଅର୍ଥରେ, ଏହା ସ୍ପଷ୍ଟ ହେବ ଯେ ସେବା ସମୟରେ ଶିକ୍ଷକଙ୍କ ମୃତ୍ୟୁ କିମ୍ବା ଜଣେ ଶିକ୍ଷକଙ୍କ ଅକ୍ଷମତା ଯୋଜନା କାର୍ଯ୍ୟକାରୀ ହେବା ପରେ ହେବା ଉଚିତ । ତେଣୁ, ସେଥିରେ ନିର୍ଦ୍ଧାରିତ ସର୍ତ୍ତାବଳୀର ଅନୁପାଳନ କରି କରାଯାଇଥିବା ଏକ ଆବେଦନ ସେହି ଶିକ୍ଷକଙ୍କ ସମ୍ବନ୍ଧରେ ହେବା ଉଚିତ ଯିଏ ଯୋଜନା କାର୍ଯ୍ୟକାରୀ ହେବା ପରେ ମୃତ୍ୟୁବରଣ କରନ୍ତି କିମ୍ବା ସ୍ଥାୟୀ ଅକ୍ଷମତା  ଭୋଗନ୍ତି । ତେବେ, ଯେହେତୁ ନ୍ୟାୟାଧିକରଣ ନିଜ ବିବେକର ଉପଯୋଗ କରିଛନ୍ତି ଏବଂ ଉତ୍ତରଦାତା ସଂଖ୍ୟା 1 ଙ୍କୁ ସୁବିଧା ପ୍ରଦାନ କରିଛନ୍ତି, ଯିଏ ତୃତୀୟ କିମ୍ବା ଚତୁର୍ଥ ଶ୍ରେଣୀରେ କିମ୍ବା ଅଣ ପ୍ରଶିକ୍ଷିତ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ପଦବୀରେ ନିଯୁକ୍ତି ପାଇଁ ମଧ୍ୟ ଯୋଗ୍ୟ ଅଟନ୍ତି, ହସ୍ତକ୍ଷେପ ପାଇଁ ଏହା ଉପଯୁକ୍ତ ମାମଲା ବୋଲି ଆମେ ବିବେଚନା କରୁନାହୁଁ ।

ତଦନୁଯାୟୀ ଏସ୍. ଏଲ୍. ପି. କୁ ଖାରଜ କରାଯାଇଛି ।

ଟି.ଏନ୍.ଏ. ଆବେଦନ ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

*Translated by:*
ସୁବୋଧ ରାଉତ,
ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।